# Akashvani, Sambalpur

## SAMBALPURI NEWS BULLETIN

### 25 March 2025- 6.47- 6.52 am.

*********************************************

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାଯାଇଥିଲା । ବହୁତ୍ ସଂଖ୍ୟାଥି ମତାମତ୍ ପାଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଧନ୍ୟବାଦ୍ ଜନେଇଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍

ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଇସ୍ପାତ୍, ଖଣି ଖର୍ଚ୍ଚା ଦାବି I&PR

୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଇସ୍ପାତ୍ ଆଉ ଖଣି ବିଭାଗ୍‌ର ୪ ଶହ ୪ କୋଟି ୩୯ ଲାଖ୍ ୧୨ ହଜାର୍ ଟଙ୍କା ଖର୍ଚ୍ଚା ଦାବି ଗଲାକାଏଲ୍ ବିଧାନ୍‌ସଭା ନ ମଞ୍ଜୁର୍ ହେଇଛେ । ଇଥି ୯୯ କୋଟି ୩୩ ଲାଖ୍ ୩ ହଜାର୍ ଟଙ୍କା ହେଉଛେ ପ୍ରଶାସନିକ୍ ଖର୍ଚ୍ଚା । ଗଲାକାଏଲ୍ ବିଧାନସଭା ନ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଖର୍ଚ୍ଚା ଦାବି ଉପସ୍ଥାପନ୍ କଲା ଉତ୍‌ରୁ ତାର୍ ଉପ୍‌ରେ ଆଲୋଚନା କରାଯାଇକରି ଇତାକେ ମଞ୍ଜୁରୀ ମିଳିଥିଲା ।

ନଲ୍‌କୂଆଁ- ପଂଚାୟତିରାଜ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରାଦିନେ ପାଏନ୍‌ର ଅଭାବ୍‌କେ ନଜର୍‌ଥି ରଖିକରି ରାଏଜେ ଇ ବଚର୍ ୨୦ ହଜାର୍ ୯ ଶହ ୪ ଟା ନଲ୍‌କୂଅାଁ କୁଡ଼ାଯିବା ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଧାନ୍‌ସଭା ନ କହିଛନ୍ । ଆଏବା ଜୁନ୍ ୧୫ ତାରିଖ୍‌ତକ୍ ନଲ୍‌କୂଅାଁ କୁଡ଼ାବାର୍ କାମ୍ ଶେଷ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇଥିର୍‌ଲାଗି ୩ ଶହ ୫୪ କୋଟି ଟଙ୍କା ମଞ୍ଜୁର୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଖରା- ସ୍ୱାସ୍ଥ୍ୟବିଭାଗ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବଢ଼୍‌ତି ଖରା ଉପ୍‌ରେ ସ୍ୱାସ୍ଥ୍ୟ ବିଭାଗ୍ ନଜର୍ ରଖିଛେ ଆଉ ସେ ହିସାବେ ପ୍ରସ୍ତୁତ୍ ରହିଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନୀଲକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍, ଖରାକେ ନେଇକରି ଡାକ୍ତର୍ ସ୍ୱାସ୍ଥ୍ୟକର୍ମୀମାନ୍‌କୁ ଖାସ୍ ତାଲିମ୍ ଦିଆଯିବାର୍ ସହେତେ ତୟାର୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଫି' ହସ୍ପିଟାଲ୍ ନ ଖରାର୍ ଲାଗି ଖାସ୍ ବେଡ୍ ଆଉ ଥଣ୍ଡା ବ୍ୟବସ୍ଥା କରାଯାଇଛେ । ଖରାକେ ନେଇକରି ସତର୍କ ରହିକରି ନିଜ୍‌କେ ସୁରକ୍ଷିତ ରଖିବାର୍ ଲାଗି ଲୁକ୍‌କୁ ଭିନ୍ ଭିନ୍ ପରାମର୍ଶ ଦିଆଯାଉଛେ ବଲି ଶ୍ରୀ ମିଶ୍ର କହିଛନ୍ ।

ପିଏମ୍ ଆବାସ୍ ଯୋଜ୍ନା-ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇହାଦେତକ୍ ୨୪ ଲାଖ୍ ୨୨ ହଜାର୍ ୭ ଶହ ୧୧ ଝନ୍ ପିଏମ୍ ଆବାସ୍ ଯୋଜ୍ନା ଅଧୀନ୍‌ଥି ପଞ୍ଜିକରଣ୍ କରିଛନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ବିଧାନ୍‌ସଭା ନ କହିଛନ୍ । କିଛି ହିତାଧିକାରୀ ଇଥୁ ବାଦ୍ ପଡ଼ିଥିବାର୍ ଅଭିଯୋଗ୍ ବାବ୍‌ଦେ ମନ୍ତ୍ରୀ କହିଛନ୍, ଜିଲ୍ଲାପାଲ୍ ଆର୍ ଏସ୍‌ଡିଓଙ୍କର୍ ପାଖେ ଲିଖିତ୍ ଅଭିଯୋଗ୍ କର୍‌ବାର୍ ଲାଗି ପଡ୍‌ବା । ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ୍‌ଲେ ସର୍ଭେ ଅଧିକାରୀମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ । କଲାହାଣ୍ଡି ନ ଆଏବା ୩୦ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନ୍ତ୍ୟୋଦୟ ଯୋଜ୍ନାଥି ୫୦ ହଜାର୍ ଘର୍ ବାଂଟ୍‌ବେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ ।

ଢେଙ୍କାନାଲ୍ ଆମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦେଶ୍‌କେ ଯିବା ଢେଙ୍କାନାଲ୍‌ର ଆମ୍ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମିଶନ୍ ଶକ୍ତି ବିଭାଗ୍, ଉଦ୍ୟାନ୍ କୃଷି ବିଭାଗ୍, କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଭିତ୍‌ରେ ଏମ୍‌ଓୟୁ ସ୍ୱାକ୍ଷରିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରଭାତୀ ପରିଡ଼ା ଆଉ ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ଉପସ୍ଥିତିଥି ରାଏଜେ କୃଷି ଉତ୍ପାଦନ୍ କ୍ଲଷ୍ଟର୍‌କେ ତହଁକାବାର୍ ଦିଗେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନ୍‌କର୍ ଜୀବିକାକେ ବର୍‌କସ୍ କର୍‌ବାର୍ ଲାଗି ଇ ଏମ୍‌ଓୟୁ ସ୍ୱାକ୍ଷରିତ୍ ହେଇଛେ । ସେନ୍ତା ମିଶନ୍‌ଶକ୍ତି ଜରିଏ ଦରବ୍ ମାନ୍‌କୁ ବିଦେଶ୍‌କେ ପଠାବାର୍ ଲାଗି ଆର୍‌ଗୁଟେ ଚୁକ୍ତି ଭିଲ୍ ସ୍ୱାକ୍ଷରିତ୍ ହେଇଛେ । ଚୁକ୍ତିମାନ୍‌କର୍ ଜରିଏ ଭିନ୍ ଭିନ୍ ଜିଲ୍ଲାର୍ ଦରବ୍‌ର ବିକ୍ରିବଟା ଉପ୍‌ରେ ଜୋର୍ ଦିଆଯାଉଛେ ।

ଲକ୍ଷପତି ଦିଦି        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ୧୦ ଲାଖ୍ ନୁ ଅଏତ୍‌କା ଲକ୍ଷପତି ଦିଦି ବନେଇକରି ଦେଶେ ୨ ନମ୍ବର୍ ହେଇଛେ ।  ଇ ସଂଖ୍ୟାକେ ଆହୁରି ବଢ଼ାବାର୍ ଲାଗି ସମ୍ଭାବ୍ୟ ଲକ୍ଷପତି ଦିଦି ମାନ୍‌କର୍ କମାନିର୍ ତଥ୍ୟ ଠୋଲ୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ‘ଲୋକ ଓଏସ୍’ ଆପ୍ ଆର୍ ୱେବ୍

ପୋର୍ଟାଲ୍ ଚାଲୁ କରିଛନ୍ ବଲି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଓଡ଼ିଲଗ୍ସ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର ବିଶ୍ୱବିଦ୍ୟାଳୟ ଠାନେ 'ଓଡ଼ିଲଗ୍ସ୍' କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ସମସ୍ୟା ଆଉ ତାର୍ ସମାଧାନ୍ ବାବ୍ଦେ ଆଲୋଚନା ହେଇଛେ । ଭୁବ୍ନେଶ୍ୱର୍ ଓଡ଼ିଶା ରସର୍ଚ୍ଚ ସେଂଟର୍, ଆଇସିଏସ୍ଏସ୍ଆର୍, ଆଇଆଇଏମ୍ ସମ୍ବଲ୍ପୁର୍, ଆଇଆଇଟି ଭୁବ୍ନେଶ୍ୱର୍ ଆର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଅର୍ଥନୀତି ବିଭାଗ୍ ତର୍ଫୁ ଇ ଆଲୋଚନାଚକ୍ର ହେଇଛେ ।

ନୃସିଂହ ଗୁରୁ ଜନ୍ମ ଶତବାର୍ଷିକୀ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲପୁର ମନ୍ଦଲିଆ ପଡ଼ିଆଠାନେ ଥିବା ନୃସିଂହ ଗୁରୁ ପାର୍କଠାନେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ୍ ନୃସିଂହ ଗୁରୁଙ୍କର୍ ଜନ୍ମ ଶତବାର୍ଷିକୀ ପାଳିତ୍ ହେଇଯାଇଛେ । ବହୁ ବିଶିଷ୍ଟ ବ୍ୟକ୍ତି

ଯୋଗ୍ ଦେଇକରି ସ୍ୱର୍ଗତ୍ ଗୁରୁଙ୍କର ପ୍ରତିମୂର୍ତନ ମାଲ୍ୟାର୍ପଣ କରିକରି ସ୍ମୃତିଚାରଣ୍ କରିଥିଲେ ।

ପ୍ରେରଣା କେନ୍ଦ୍ର            ସମ୍ବଲ୍‌ପୁର୍ ସମ୍ବାଦଦାତା

ଓଡ଼ିଶା ଜୀବିକା ମିଶନ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲା ଧମା ପଂଚାୟତ୍ କାର୍ଯ୍ୟାଳୟ ଠାନେ ପ୍ରେରଣା କେନ୍ଦ୍ର ଉଦ୍‌ଘାଟିତ୍ ହେଇଯାଇଛେ । ଧମା ସର୍‌ପଂଚ୍ ଲଲିତା ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କରିଛନ୍ ।

ବୌଦ୍ଧ- ଶିଶୁବାଟିକା       ବୌଦ୍ଧ ସମ୍ବାଦଦାତା

ଏପ୍ରିଲ୍ ୨ ତାରିଖ୍ ଶିଶୁବାଟିକା ନ ହେବାର୍‌କେ ଥିବା ଖଡ଼ିଛୁଆଁ ଆର୍ ପ୍ରବେଶ୍ ଉତ୍ସବ୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ନିମନ୍ତ୍ରଣ୍ ପତ୍ରକେ ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଶିକ୍ଷା ବିଭାଗ୍‌ର ଅଧିକାରୀମାନେ ଆଉ ସ୍କୁଲ୍‌ର ଶିକ୍ଷକ୍‌ମାନେ ଛୁଆମାନ୍‌କର୍ ଘର୍‌କେଘର୍ ଯାଇକରି ନିମନ୍ତ୍ରଣ୍ ପତ୍ର ବାଂଟୁଛନ୍ ।

ସାକ୍ଷରତା ପରୀକ୍ଷା-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ନବଭାରତ୍ ସ୍ୱାକ୍ଷରତା କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ଜିଲ୍ଲାର୍ ୩ ଟା ବ୍ଲକ୍‌ର ୬୦ ଟା ଆଂଚଲିକ୍ ସାଧନ୍ କେନ୍ଦ୍ରର୍ ୬ ଶହ ୧୮ ଟା ପରୀକ୍ଷା କେନ୍ଦ୍ରଥି ୫ ହଜାର୍ ୪୫ ଝନ୍ ନବସାକ୍ଷର ପରୀକ୍ଷାର୍ଥୀଙ୍କର୍ ମୌଲିକ୍ ସାକ୍ଷରତା ଆଉ ସଂଖ୍ୟା ଜ୍ଞାନ୍ ପରୀକ୍ଷା ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ପାଗ୍ ଶୁଖା ରହେବା । ଆଏବା ୨ ନୁ ୪ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୩ ନୁ ୫ ଡିଗ୍ରୀ ଆର୍ ରାତିର୍ ରାତିର୍ ତାପମାତ୍ରା ୨/ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ ।